ସମ୍ବାଦ

# ଟିଟିଲାଗଡ଼ରେ ଲଳିତ ନିବନ୍ଧ ସାହିତ୍ୟ ସୋପାନ

ଟିଟିଲାଗଡ଼, ୨୦।୧୧ (ଇମିସ): ଟିଟିଲାଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଟିଟିଲାଗଡ଼ ସାହିତ୍ୟ ସଂସ୍କୃତି ପକ୍ଷରୁ ଲଳିତ ନିବନ୍ଧ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଂପାନରେ ପ୍ରଫେସର ବଭ୍ରୁବାହନ ମହାପାତ୍ର, ଡ. କାମଦେବ ସାହୁ, ଡ. ଗୋବର୍ଧନ ସାହୁ ପ୍ରମୁଖ ଲଳିତ ନିବନ୍ଧ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ସଂସ୍କୃତି ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଶିଶୁ ସାହିତ୍ୟକ ଯୁଗଲ କିଶୋର ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜୀବ ଲୋଚନ ପାଢ଼ୀ ସାହିତ୍ୟ ସଂସ୍କୃତିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ଗୋବର୍ଦ୍ଧନ ସାହୁଙ୍କ ରଚିତ ଅନ୍‌କନ୍‌ଫେସ୍‌ଡ, ସେବକ ଚରଣ ଦାଶଙ୍କ ରଚିତ ଯଥା ସମ୍ଭବ ଏବଂ ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ ରଚିତ ସାହିତ୍ୟ ବିମର୍ଶ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପଣ୍ଡା, ବନମାଳୀ ଦାଶ, ରାଜମଣି ସାହୁ, କିଶୋର ମହାପାତ୍ର, ଡ. ଘନଶ୍ୟାମ ଜୈନ, ଅଖିଳ ପଣ୍ଡା, ଶ୍ୟାମପ୍ରସାଦ ମହାପାତ୍ର, ହିମାଂଶୁ ଦାଶ, ଉମେଶ ଚନ୍ଦ୍ର ଦାଶ, ଯୁଧିଷ୍ଠିର ବାରିକ, ମଧୁବନ ଛତ୍ରିଆ ଏବଂ ପ୍ରମୋଦ କୁମାର ସହଯୋଗ କରିଥିଲେ।



BOLANGIRI SONEPUR BOUDHA Edition
Page No.1 November 21, 2022